ଧୃତରାଷ୍ଟ୍ରଙ୍କର ବିବାହ ପ୍ରସ୍ତାବ ଓ ଅନେକ ରାଜକନ୍ୟାଙ୍କର ମୃତ୍ୟୁ
ସତ୍ୟବତୀ ବୋଇଲେ ଭୀଷ୍ମଙ୍କୁ ବସାଇ
ଧୃତରାଷ୍ଟ୍ରକଇ ବିଭା କରାଅ କନ୍ୟା ଗୋଟିୟେ ଲୋଡାଇ । ୧ ।
ଶୁଣିଣ ସାନନ୍ଦ ଯେ ଭୀଷ୍ମ ମହାରଥୀ
ଶାଲୁ ରାଜାର ଦୁହିତା ନାମ ଶାଲୁବତୀ । ୨ ।
ଭୀଷ୍ମେ ସ୍ୱହସ୍ତେ ସନ୍ତକ ଦେଲେ ଶାଲୁ ରାଜାଙ୍କୁ
ତୋହୋର ଦୁହିତା ଗୋଟି ଦେବୁ ଆମ୍ଭର ପୁତ୍ରକୁ । ୩ ।
ଶାଲୁ ପରମ ସାନନ୍ଦ ହୋଇଲା ଭୀଷ୍ମଙ୍କର ବଚନ ଶୁଣି
ଧୃତରାଷ୍ଟ୍ରକଇ ଦେବା ନିମନ୍ତେ କନ୍ୟା ସମ୍ଭାର କରି ଆଣି । ୪ ।
ସମଦଣ୍ଡ ଘେନିଣ ଶାଲୁ ଯେ ନୃପତି
ଦୁହିତାକୁ ଘେନି ମିଳିଲା ସତ୍ୟବତୀଙ୍କର କତି । ୫ ।
ସତ୍ୟ ବାକ୍ୟ କରି ଯହୁଂ ଶାଲୁ ରାଜନ ମାନିଲା
ସେହି ଦିନ ରାତ୍ରରେ ସେ କନ୍ୟା ପ୍ରାଣ ତ୍ୟାଗ କଲା । ୬ ।
ଦେଖିଣ ଶାଲୁ ଯେ ଅନେକ ବଇକୁଲ୍ୟ ହୋଇଲା
ଯମୁନା ନଦୀ କୂଳେ ସେ କନ୍ୟାକୁ ଦହନ କରି ଗଲା । ୭ ।
ଅନଙ୍ଗ ଦେଶର ସେ ଅନଙ୍ଗସେନ ରାୟେ
କାଳିନ୍ଦୀ ନାମେଣ ଯେ ତାହାର ଦୁହିତା ଗୋଟିୟେ । ୮ ।
ତାହାକୁ ବରଣ ହୋଇଲା ଧୃତରାଷ୍ଟ୍ର ରାୟେ
ସତ୍ୟ କରାଇଣ ଦିଲେ ମାଳା ଯେ ଗୋଟିୟେ । ୯ ।

----------

୨ । ୨ ଶାଲୁ ରାଜାର ଦୋହିତା ନାମ ମରୁଦ୍‌ବତୀ । (ପା)
୫ ସମଦଣ୍ଡ ସଜକରି ସେ ଶାଲୁ ମହୀପତି ।
ଦୋହିତା ଘେନି ରାଜା ଆସଇ ତତତି । (ପା)

ବରଣ କରିଣ ଯେଣେ ଅଇଲେ ଶାୟେନ୍ତନୁ
ସେ କନ୍ୟା ଗୋଟି ନାଶ ଗଲା ସେହି ଦିନୁ । ୧୦ ।
ନିର୍ଝର ଦେଶର ଯେ ରାଜା ଗଣପତି
କନ୍ୟାୟେ ତାହାର ଘରେ ହୋଇଲା ଉତପତ୍ତି । ୧୧ ।
ତାହାର ନାମ ଯେ ଅଟଇ ଶରଧୃତି
ପାରେଶ୍ୱର କନ୍ୟା ବରିଲେ ଧୃତରାଷ୍ଟ୍ରଙ୍କୁ, ଥାଇ ସତ୍ୟବତୀ । ୧୨ ।
ନିର୍ଝର ଦେଶ ରାଜା ଗଣପତି ସାନନ୍ଦ ହୋଇଲା
ମୋହୋର ଅନେକ ଭାଗ୍ୟ ବୋଲି ନଗ୍ରେ ଉତ୍ସବ କରାଇଲା । ୧୩ ।
ସୋମବଂଶକଇ ଦେବି ଯେ ମୋହୋର କୁମାରୀ
ୟେହି ବଂଶ ଯେ ମଧ୍ୟ ଭୁବନେ ଅଧିକାରୀ । ୧୪ ।
ୟେସନେକ ବିଚାର କରନ୍ତେ ନିର୍ଝର ଗଣପତି
ଶରଧୃତି କନ୍ୟା ନାଶ ଗଲା ସେହି ରାତି । ୧୫ ।
ୟେହିମତେ ଅନେକ କନ୍ୟା ଗଲେ କ୍ଷୟେ
ପୁଣିହିଂ ବରିଲେ ଆନ ଯେ କନ୍ୟାୟେ । ୧୬ ।
କର୍ଣ୍ଣମାଧବ ରାଜା କନ୍ୟା ଦେବା କଲା
ଧୃତରାଷ୍ଟ୍ର ନାମେଣ ଯହୁଂ ସତ୍ୟ ମନାସିଲା । ୧୭ ।
ସେ କନ୍ୟାକୁ ସେ ଦିନ ସର୍ପ ଡଂସନ ହୋଇଲା
ନାମ ଧରିବା ମାତ୍ରକେ ସେ କନ୍ୟା ନାଶ ଗଲା । ୧୮ ।
ବଇବସୁତ ମନୁ ପୁଚ୍ଛା କଲେ ଅଗସ୍ତିଙ୍କି
କନ୍ୟାୟେ କିଂପେ ନାଶ ଯାନ୍ତି ଧୃତରାଷ୍ଟ୍ର ନାମ ରାଶିକି । ୧୯ ।
ଅଗସ୍ତି ପ୍ରତିବାଚ ୟେହାର କୃତ୍ତିକା ବୃଷରାଶି

ଜାତିରେ ବ୍ରହ୍ମ ରାକ୍ଷସ ଯେ ଯେମନ୍ତେଣ କନ୍ୟା ନାଶି । ୨୦ । horoscope Dhritarashtra
ବ୍ୟାସ ପରା ମହାଋଷି ବୀର୍ଯ୍ୟ ପ୍ରଦାନ କଲା
ବ୍ରହ୍ମ ଅସୁର ପଣେ କିଂପେ ଜନମ ଲଭିଲା । ୨୧ ।
କୃତ୍ତିକା ଯୋଗେ ମୁନି ଯେ ପଶିଲେ ଶୃଙ୍ଗାରେ
ରୋହିଣୀ ବେଳେ ବୀର୍ଯ୍ୟ ଛାଡିଲେ ମୁନିବରେ । ୨୨ । imagined horoscope Dhritarashtra
----------
୧୨ ।୧  ତାହାର ନାମ ଅଟଇ ସୁରଧାତ୍ରୀ । (ପା)

ଅମ୍ବିକା କନ୍ୟା ଯହୁଂ ଶୃଙ୍ଗାର ସହି ନୁଆରିଲା
ଗତ ଆତ୍ମା ପ୍ରାୟେକ ସେ ମୋହେଣ ପଡିଲା । ୨୩ ।
ଆରତେ ମହାତମା ଯେ ତେଜ୍ୟା କଲେ ରେତ
ତେଣୁ କରି ବ୍ରହ୍ମ ଅସୁର ଲକ୍ଷଣେ ହୋଇଲାକ ଜାତ । ୨୪ ।
ଅଗସ୍ତି ବୋଇଲେ ଯେ ବଇବସୁତ ମନୁକୁ
ଏହେନ୍ତେକ ଯୋଗ ହୋଇଲା ଧୃତରାଷ୍ଟ୍ରକୁ । ୨୫ ।
ବ୍ରହ୍ମ ଅସୁର ଲକ୍ଷଣେ ସେ ହୋଇଲା ଉତପତ୍ତି
ତେଣୁ କରି କନ୍ୟାମାନେ ବରଣ ହୋଇଲେ ହୋଉଛନ୍ତି ବିନଶ୍ୟତି । ୨୬ ।
ବଇବସୁତ ମନୁ ବୋଇଲେ ପୁଣ ସେ ହୋଇବ କେମନ୍ତ
ଯେ କଥା ତଦନ୍ତ କରି ମୋତେ କହିବା ଭଗବନ୍ତ । ୨୭ ।
ଅଗସ୍ତି ବୋଇଲେ ହୋ ଶୁଣ ଯୁଗପତି
ଧୃତରାଷ୍ଟ୍ର ବରଣରେ ଏକଉତ୍ତର ଶତେ କନ୍ୟା ହୋଇଲେ ଯେ କ୍ଷତି । ୨୮ ।
ବ୍ରଜଗିରି ଦେଶର ରାଜା ଯେ ବୀରକେତନ
ସେ ଆସି କନ୍ୟାଯେ କଲା ପରଦାନ । ୨୯ ।
ଆହୋ ସେ କନ୍ୟାର ନାମ ଯେ ଅଟଇ ଚନ୍ଦ୍ରାବତୀ
ଅନେକ ସମ୍ପର୍ବେ କନ୍ୟା ଆଣି ଦିଲାକ ନରପତି । ୩୦ ।
ଧୃତରାଷ୍ଟ୍ର ଅନ୍ଧ ଅଟଇ ବେନି ଆଖି
ଅନ୍ୟ ଦେଶକୁ ନ ଯାଇ ବିଭାକୁ ଲୋକେ ଉପହାସ କରନ୍ତି ଦେଖି । ୩୧ ।
ଯେମନ୍ତେ କନ୍ୟା ମାନନ୍ତ ଆଣନ୍ତି ପରରାଷ୍ଟ୍ର
ବିଶେଷେଣ ନୃପତି ସେ ବଂଶେଣ ଗରିଷ୍ଠ । ୩୨ ।
କନ୍ୟାନ୍ତ ସେ ଆଣନ୍ତି ବାରୁଣାବନ୍ତ ବିଭା କରିବାକୁ
ସେ କଥା ରହିଲାଟି ଯେବେ ସୋମବଂଶ ରାଜ୍ୟକୁ । ୩୩ ।
ରାଜାଯେ ବିଭା ହୋଇଂ ନ ଯାନ୍ତି ସେହି ଦିନୁ
କନ୍ୟାଯେ ଆସନ୍ତି ନିଜର ଭୁବନୁଂ । ୩୪ ।
କନ୍ୟା ପ୍ରଦାନ କଲା ସେ ବୀରକେତନ
ମହୁଶଯ୍ୟା ଯୁଗତେ କରାଇଲେ ଶୟନ । ୩୫ ।
କ୍ରୀଡାରଙ୍ଗ ସାରିଣ ଶୁତିଲେ ବରକନ୍ୟା
ମରିଣ ଶୋଇଅଛି ସେ ଚନ୍ଦ୍ରବଦନା । ୩୬ ।
ପ୍ରାତକାଳେ ସୁନ୍ଦରୀକି ନେଲେ ଶମଶାନେ
ଦହନ କରି ଶୁଦ୍ଧ ହୋଇଲେ ଯେକାଦଶ ଦିନେ । ୩୭ ।
ବିଭା ଯୋଗ କରନ୍ତେ ଯହୁଂ ଅନେକ କନ୍ୟା ମଲା
ଧୃତରାଷ୍ଟ୍ରଙ୍କୁ କନ୍ୟା କେହୁ ଦିଅନ୍ତା ନୋହିଲା । ୩୮-୧୧୮୯ ।
----------
୨୯	ଶ୍ରୀ ନଗର ଦେଶ ରାଜାଧି କେତନ ।
	ସେ ରାଜା କନ୍ୟାଯେକ କଲାକ ପ୍ରଦାନ । (ପା)
୨୯	ଗିରିବର ବଜ୍ରଦେଶର ରାଜା ବୀର ଯେ କେତନ ।

ସେ ଆସି ଲୋଡିଲା କନ୍ୟାୟେ କରିବ ପ୍ରଦାନ । (ପା)

୩୭ ।୨ ଦହନ ସାରି ସୁଦ୍ଧ ହୋଇଲେ ବାର ଦିନେ ।

****************